

ଯୁଗାବ୍ଦ : ୫୧୨୨ ଚର୍ତୁବିଂଶତିତମ ଗୁଚ୍ଛ - ଷଷ୍ଠ କଳିକା ଫେବୃଆରୀ - ମାର୍ଚ୍ଚ - ୨୦୨୧

## ସମ୍ପାଦକୀୟ......

ଶିଶୁଟି ମାତୃଗର୍ଭରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ନିଜର ବୁଦ୍ଧି ଚାଳନା, ଅନୁସନ୍ଧିତ୍ସା, ଇଚ୍ଛା ଶକ୍ତି ଓ ଚରିତ୍ର ନିର୍ମାଣ ନିମନ୍ତେ ଯାହା କିଛି ଅର୍ଜନ କରେ ତା'ର ସମସ୍ତ ଜୀବନକାଳରେ ମଧ୍ୟ ସେତିକି ଅର୍ଜନ କରିପାରେ ନାହିଁ । ତେଣୁ 'ବାଲ୍ୟ ଜୀବନ ହେଉଛି ବାସ୍ତବ ଜୀବନ' ଯାହାକି ଥରେ ଗଲେ ଆଉ ଫେରିଆସେ ନାହିଁ । ଚରିତ୍ର ନିର୍ମାଣ, ଭାବିବା ଓ କହିବା ପ୍ରକ୍ରିୟା ସବୁ ଶିଶୁ ବିଦ୍ୟାଳୟକୁ ଯିବା ପୂର୍ବରୁ ଏବଂ ବିଦ୍ୟାଳୟ ଯିବାର ପ୍ରାଥମିକ ବର୍ଷଗୁଡ଼ିକରେ ହିଁ ଆୟତ୍ତ କରିଥାଏ । ଶିଶୁକୁ ମୁକ୍ତ କାର୍ଯ୍ୟକଳାପ ପାଇଁ ସୁଯୋଗ ଦେଇ ଆସ୍ତେ ଆସ୍ତେ ତା'ର ଆବେଗିକ ଓ ମନ୍ଦ ଅଭ୍ୟାସଗୁଡ଼ିକୁ ଜାଣିବା ଆବଶ୍ୟକ ପଡ଼ିଥାଏ । ଶିଶୁକୁ ଆଦେଶ ଦେଇ ତା'ର ଅନୁଭବ ଶକ୍ତିଗୁଡ଼ିକୁ ଅଭିବ୍ୟକ୍ତି କରାଇବା ଆଦୌ ସମ୍ଭବ ନୁହେଁ । ଶିଶୁଟି ନିଜ ହାତରେ ଯାହା କରେ, ଆଖିରେ ଯାହା ଦେଖେ, କାନରେ ଯାହା ଶୁଣେ ତା'ର ହୃଦୟରେ ପାରସ୍ପରିକ ପୃଥିବୀଟି ସେହିପରି ଉଦ୍ଭାସିତ ହୋଇଥାଏ । ଶିଶୁର ହୃଦୟ ଭିତରେ ଉଷ୍ମତା ଓ ସ୍ନେହଭରା ଆଲିଙ୍ଗନ ଦେଇ ପାରିଲେ ସେ ଶିକ୍ଷା ଗ୍ରହଣ କଳାଟିକୁ ନିଜ ଭିତରେ ଆୟତ୍ତ କରିବାରେ ସକ୍ଷମ ହୋଇଥାଏ । ଯାହାଦ୍ୱାରା ସମସ୍ତ ଅନୁଭୂତି ତା'ର ଜୀବନର ଏକ ଅଂଶ ହୋଇ ରହିଥାଏ । ପରିବାର ହେଉଛି ବ୍ୟକ୍ତିତ୍ୱ ନିର୍ମାଣର ସର୍ବୋତ୍କୃଷ୍ଟ ପରିସର । ଶିଶୁଟି ପ୍ରଥମେ ସାହସ, ସଚ୍ଚୋଟ, ସତ୍ୟ, ଦୟା, ସମୟାନୁବର୍ତ୍ତିତା ଓ ସହାନୁଭୂତି ଭଳି ମହତଗୁଣଗୁଡ଼ିକୁ ଶିଖିଥାଏ । ନିଜର ଜୀବନକୁ ସୁସ୍ଥ ଓ ସୁନ୍ଦର କରି ଗଢ଼ିଥାଏ । ଅବହେଳିତ ମାତୃତ୍ୱ, ଅସୁରକ୍ଷିତ ବାଲ୍ୟାବସ୍ଥା ଏବଂ ଅସହାୟ ଶୈଶବ ହିଁ ଶିଶୁକୁ ବିପଥଗାମୀ କରିଥାଏ । ପ୍ରତ୍ୟେକ ଶିଶୁ ନିଜ ନିଜର ପିତାମାତାଙ୍କ ନୈତିକ ଆଦର୍ଶର ଦର୍ପଣ ସଦୃଶ । ତେଣୁ ଶିଶୁମାନଙ୍କର ମନକୁ ଭଲଭାବରେ ଅଧ୍ୟୟନ କରି ତା'ର ବିକାଶରେ ସହଯୋଗ କଲେ, ଆମେ ସମାଜ ପାଇଁ ଏକ ଭଲ ମଣିଷ ଗଢ଼ି ପାରିବା, ଏହି ଆଶା ରଖାଯାଇଛି ।

## ଅନୌପଚାରିକ ଶିକ୍ଷଣ

ରେଣୁକା ଆଚାର୍ଯ୍ୟ

ଶିକ୍ଷାର ମାନେ ଜ୍ଞାନ ଅର୍ଜନ କରିବା । ଜ୍ଞାନ ଅର୍ଜନ ନିମନ୍ତେ ଶିକ୍ଷା ଉପକରଣର ଆବଶ୍ୟକତା ରହିଛି । କିନ୍ତୁ ଶିଶୁ ଶିକ୍ଷା କ୍ଷେତ୍ରରେ ଯଦି ଚିନ୍ତା କରିବା ତେବେ କେଉଁ ପ୍ରକାରର ଶିକ୍ଷା ଉପକରଣର ଆବଶ୍ୟକ ତାହା ନିର୍ଦ୍ଧାରଣ କରିବାର ନିହାତି ଆବଶ୍ୟକତା ରହିଛି । ତେଣୁ ଚାଣକ୍ୟଙ୍କ ମତରେ 'ଲାଳୟେତ୍ ପଞ୍ଚବର୍ଷାଣି ଦଶବର୍ଷାଣି ତାଡ଼ୟେତ୍, ପ୍ରାପ୍ତେଷୁ ଷୋଡ଼ଷ ବର୍ଷେ ପୁତ୍ର ମିତ୍ରମ୍ ବଦାଚରେତ୍ ।'

ବାସ୍ତବରେ ଶୈଶବ ଅବସ୍ଥା ଜୀବନର ପ୍ରକୃଷ୍ଟ ସମୟ । ଏଥିପାଇଁ ଏହି ସମୟରେ ଶିଶୁମାନଙ୍କର ପ୍ରକୃତ ଯତ୍ନ ନେବା ଲାଳନ ପାଳନ କରିବା ଆବଶ୍ୟକ । ଏ କଥାକୁ ଆମ ପୂର୍ବପୁରୁଷମାନେ ଭଲ ଭାବରେ ହୃଦୟଙ୍ଗମ କରି ପାରିଥିଲେ । ସେତେବେଳେ ମନୋବିଜ୍ଞାନ ଭଳି ସମ୍ବଳିତ ପୁସ୍ତକ ନ ଥିଲା ମାତ୍ର ଯାହାକୁ ଆଧାର କରି ପରବର୍ତ୍ତୀ ସମୟରେ ବର୍ତ୍ତମାନର ମନୋବିଜ୍ଞାନ ଲିଖା ହୋଇଅଛି ଓ ସେ ସମସ୍ତ ତତ୍ତ୍ୱ ସେଥିରେ ଭର୍ତ୍ତି ହୋଇ ରହିଥିଲା । ଆମ ଦେଶର ରାମାୟଣ ଉପନିଷଦ ପୁରାଣ ଇତ୍ୟାଦିରେ ବାଲ୍ୟଲୀଳା କଥା ଲିପିବଦ୍ଧ ହୋଇଛି । ଯାହାକି ଶିଶୁର ବିଶେଷ ଆବଶ୍ୟକ ବିନ୍ଦୁ ସେଥିରେ ବର୍ଣ୍ଣିତ ହୋଇଛି । ଆମ ଗ୍ରନ୍ଥକୁ ଯଦି ଆମେ ସୂକ୍ଷ୍ମ ଭାବରେ ଚିନ୍ତନ କରିବା ଏହା ହେଉଛି ମନୋବିଜ୍ଞାନର ଏକ ଏକ ଆଧାର । ଶିଶୁର ପରିବାରର ବୟସ୍କମାନେ ଓ ମାଆ ଥିଲେ ଜଣେ ଜଣେ ମନୋବୈଜ୍ଞାନିକ ଏବଂ ସେହି ଆଧାରରେ ଲାଳନ ପାଳନ କରିବା ସଙ୍ଗେ ସଙ୍ଗେ ଅନୌପଚାରିକ ଭାବେ

ଶିଶୁର ସମସ୍ତ ପ୍ରକାର ଶିକ୍ଷା ପରିବାରରୁ ହିଁ ପାଇପାରୁଥିଲା ।

ଏହିପରି ଶିଶୁର ସମସ୍ତ କାର୍ଯ୍ୟକଳାପ ଅତୀତକୁ ସ୍ମରଣ କରିବାକୁ ବାଧ୍ୟ କରିଦିଏ । ସେ ସମୟର ଆଈ ମା' କାହାଣୀ, ଅଜା ପିଠିରେ ଘୋଡ଼ା ବସିବା, କଣ୍ଢେଇ ବାହାଘର, ମିଛି ମିଛିକା ବାଲିର ଖେଳ ଏମିତି ଅନେକ କଛି । ମାତ୍ର ବର୍ତ୍ତମାନ ଆଉ ସେଇ ସ୍ୱର୍ଗୀୟ ଆନନ୍ଦ ମିଳିବ କାହିଁ ? ଛୋଟ ଛୋଟ କଳିକାମାନଙ୍କୁ ପାଠର ବୋଝରୂପକ ରୁଦ୍ର ତାପରେ ଝାଉଁଳେଇ ଦେବାର ଯେଉଁ କାର୍ଯ୍ୟ ଆମେ ବୟସ୍କମାନେ କରୁଛୁ, ଏହା କେତେଦୂର ଠିକ୍ ? ବର୍ତ୍ତମାନ ଏହା ହିଁ ଆମେ ଭାବିବା ଏକାନ୍ତ ଆବଶ୍ୟକ ।

ଶିଶୁମାନଙ୍କର ମସ୍ତିଷ୍କ ଏକ ଶୂନ୍ୟ ଫଳକ ସଦୃଶ୍ୟ ତାକୁ ଯେଉଁଭଳି ଶିକ୍ଷା ଦିଆଯାଏ ସିଏ ସେପରି ଗ୍ରହଣ କରେ ଏବଂ ତାହା ଦୀର୍ଘସ୍ଥାୟୀ ଏକ ଛାପ ହୋଇ ରହିଯାଏ । ଶିଶୁର ମନ ବୁଦ୍ଧି ଆତ୍ମା ଶରୀର ଓ ପ୍ରାଣ ବ୍ୟତୀତ ଚିତ୍ତ ବିବେକ ମଧ୍ୟ ଥାଏ । ଚିତ୍ତ ହେଉଛି ସଂସ୍କାରର ଗନ୍ତାଘର । ଭ୍ରୁଣ ସଂଚାର ହେବାଠାରୁ ସଂସ୍କାର ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏଣୁ ଶିଶୁମାନଙ୍କୁ ଏହି ୫ ବର୍ଷ ମଧ୍ୟରେ ଔପଚାରିକ ଶିକ୍ଷା ପ୍ରତି ଗୁରୁତ୍ୱ ନ ଦେଇ ସଂସ୍କାର ପକ୍ଷକୁ ଅନୌପଚାରିକ ଭାବେ ଗୁରୁତ୍ୱ ଦେବା ଉଚିତ । ଏହାଦ୍ୱାରା ଶିଶୁର ସର୍ବାଙ୍ଗୀଣ ବିକାଶ ହୋଇଥାଏ ।

ଶିଶୁ ହୁଅନ୍ତୁ ଅବା ପ୍ରୌଢ଼ ୧ମ ଶ୍ରେଣୀରେ ପଢୁ କି ୧୦ମ ଶ୍ରେଣୀରେ କିନ୍ତୁ ପାଠ ପଢ଼ିବାର ଆଗ୍ରହ ନ ଥାଏ । ପରୀକ୍ଷା ପାଖେଇ ଆସିଲେ ହିଁ ପଢ଼ିବାକୁ ବସନ୍ତି । ଅର୍ଥାତ୍ ଶିଶୁକୁ ପଢ଼ିବାକୁ ଭଲ ଲାଗେ ନାହିଁ । ଆଜି ଶିଶୁମାନେ ଗଣିତ, ସାହିତ୍ୟ, ଇଂରାଜୀ ଇତ୍ୟାଦି ବିଷୟ କେବଳ ଶିକ୍ଷକ କିମ୍ବା ପିତାମାତାଙ୍କ ଇଚ୍ଛା ପୂରଣ କରିବାକୁ ପଢ଼ନ୍ତି କିନ୍ତୁ ନିଜ ଇଚ୍ଛାରେ ବା ଆଗ୍ରହରେ ପଢ଼ନ୍ତି ନାହିଁ ।

ଶିଶୁର ଇଚ୍ଛା, ଆକାଂକ୍ଷା, କଳ୍ପନା ଆଦି ସ୍ୱତଃ ଜାଗ୍ରତ ହୋଇଥାଏ । ତେଣୁ ତା'ର ସାଙ୍ଗମାନଙ୍କ ସହିତ ଖେଳିବା, ନାଚିବା, ଗୀତ ଗାଇବା ଇତ୍ୟାଦିକୁ ସେ ପସନ୍ଦ କରିଥାଏ । ଅଭିଭାବକ ଉକ୍ତ କାର୍ଯ୍ୟରୁ ନିବୃତ୍ତ କରାଇ ତାକୁ ପାଠ ପଢ଼ିବାକୁ ବାଧ୍ୟ କରନ୍ତି ଯାହାକି ଶିଶୁର ଆଗ୍ରହ ନ ଥାଏ । ଶିଶୁର ବୟସ ରୁଚି ଗ୍ରହଣ ଶକ୍ତି ଓ ଦକ୍ଷତାକୁ ଧ୍ୟାନ ନ ଦେଇ ଔପଚାରିକ ଶିକ୍ଷା ବା ଲେଖାପଢ଼ା, ପରୀକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେଇ ଥାଆନ୍ତି । ବହି ଖାତା ଲେଖିବା ପଢ଼ିବା ଭଳି ଶିଶୁ ପାଇଁ ଶାରୀରିକ ମାନସିକ ଚାପ ବା ଦଣ୍ଡ ସଦୃଶ ହୋଇଥାଏ । ଏଣୁ '୦' ଠାରୁ ୫ ବର୍ଷ ବୟସ ମଧ୍ୟରେ ଶିଶୁର ଔପଚାରିକ ଶିକ୍ଷା ପ୍ରତି ଗୁରୁତ୍ୱ ନ ଦେଇ ଅନୌପଚାରିକ ଭାବେ ଶିଶୁର ସର୍ବାଙ୍ଗୀଣ ବିକାଶ ଆନନ୍ଦଦାୟକ ହେବା ଆବଶ୍ୟକ । ଶିଶୁର ସର୍ବାଙ୍ଗୀଣ ବିକାଶ ମାନେ ଶରୀର, ମନ ବୁଦ୍ଧି, ଆତ୍ମା ଓ ପ୍ରାଣ ଶକ୍ତିର ବିକାଶ ହିଁ ସର୍ବାଙ୍ଗୀଣ ବିକାଶ ଯାହାକି କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ ମାଧ୍ୟମରେ ହୋଇଥାଏ । କର୍ମେନ୍ଦ୍ରିୟ ମାଧ୍ୟମରେ କାର୍ଯ୍ୟ କରି ଜ୍ଞାନେନ୍ଦ୍ରିୟ ମାଧ୍ୟମରେ ବୁଦ୍ଧିର ବିକାଶ ହୋଇଥାଏ । ବୁଦ୍ଧିରୁ ଜ୍ଞାନ ପ୍ରାପ୍ତ ହୁଏ । ଅର୍ଥାତ୍ ଶିକ୍ଷା ପାଇଁ ବୁଦ୍ଧିର ବିକାଶ ଆବଶ୍ୟକ । କଠିନ କଥା ବୁଝିବା ପାଇଁ ତୀକ୍ଷଣ ବୁଦ୍ଧିର ଆବଶ୍ୟକ । 'ଶିଶୁ ଶୁଣିଲେ ଭୁଲିଯାଏ, ଦେଖିଲେ ମନେ ରଖେ, କରିଲେ ଶିଖିଥାଏ ।' ଏଣୁ ଶିଶୁକୁ ଆଧାର କରି ଏପରି କାର୍ଯ୍ୟ କରିବା ଦ୍ୱାରା ଶିଶୁ ଆନନ୍ଦ ପାଇବ ଅନୁଭବ କରି କିଛି ଶିଖିବ । ସଂସ୍କାରିତ ଭାବେ ଅନୌପଚାରିକ ଶିକ୍ଷାଦେବା ଓ ଶିଶୁର ମନକୁ ଛୁଇଁଲା ଭଳି କ୍ରିୟାକଳାପ କରାଇବା ଉଚିତ । ଏଣୁ ଶିଶୁବାଟିକାର ସ୍ୱରୂପ ହେଲା ଶିଶୁ କୈନ୍ଦ୍ରିକ, ଅନୌପଚାରିକ, କ୍ରିୟା ଆଧାରିତ, ଆନନ୍ଦ ଦାୟକ, ଅନୁଭବ ମୂଳକ ତଥା ସୁସଂସ୍କାରିତ । ଏଭଳି ଯଦି ହେବ ଦେଖିବେ ସ୍ୱତଃ ଶିଶୁମାନଙ୍କ ଓଠରୁ ହସ ଉକୁଟି ଆସିବ । ଶୈଶବ ଅପହୃତ ହେବ ନାହିଁ ବରଂ ଶୈଶବ ହେବ ଉତ୍ସବ ମୁଖର । ଏହାକୁ ସ୍ମରଣ କରି ଆସନ୍ତୁ ବର୍ତ୍ତମାନ ଶିଶୁବାଟିକାକୁ ଶିଶୁମାନଙ୍କର କ୍ରିୟାକଳାପ ଆଧାରିତ ଅନୌପଚାରିକ କେନ୍ଦ୍ର କରିବା ।

ନବରଙ୍ଗପୁର

# ଭାରତୀୟ ସଂସ୍କୃତିରେ ବିଦ୍ୟାରମ୍ଭ ସଂସ୍କାର

କୁହାଯାଏ ବେଦ ଅପୌରୁଷେୟ ଅର୍ଥାତ୍ ଈଶ୍ୱରଙ୍କର ମୁଖନିଃସୃତ । ସମସ୍ତ ଜୀବନ ନିର୍ବାହ ପଦ୍ଧତିର ସୂତ୍ର ବେଦରୁ ହିଁ ପ୍ରଚାର ହୋଇଥାଏ । ସଂସ୍କୃତିର ମୂଳସ୍ରୋତ ଭାବେ ଷୋଳଟି ସଂସ୍କାର ମୁଖ୍ୟତଃ ଉପସ୍ଥାପିତ କରାଯାଇଥାଏ । ମାନବ ଜୀବନକୁ ସୁନିୟନ୍ତ୍ରିତ ଓ ପର୍ଯ୍ୟବେସିତ ତଥା ଦାୟିତ୍ୱବାନ କରିବାରେ ଏହି ସଂସ୍କାରଗୁଡ଼ିକ ଗଠନମୂଳକ ଭୂମିକା ନିର୍ବାହ କରିଥାନ୍ତି । ସେଗୁଡ଼ିକ ହେଲା - ୧) ଗର୍ଭାଧାନ, ୨) ପୁଂସବନ, ୩) ସୀମନ୍ତୋନୟନ, ୪) ଜାତକର୍ମ, ୫) ନାମକରଣ, ୬) ନିଷ୍କ୍ରମଣ, ୭) ଅନ୍ନପ୍ରାସନ, ୮) ଚୂଡ଼ାକର୍ମ ଓ ମୁଣ୍ଡନ, ୯) କର୍ଣ୍ଣବେଧ, ୧୦) ଉପନୟନ, ୧୧) ବିଦ୍ୟାରମ୍ଭ, ୧୨) ସମାବର୍ତ୍ତନ, ୧୩) ବିବାହ, ୧୪) ବାନପ୍ରସ୍ଥ, ୧୫) ସନ୍ନ୍ୟାସ, ୧୬) ଅନ୍ତ୍ୟେଷ୍ଟି । ବୈଦିକ ସଂସ୍କାରଦ୍ୱାରା ସୁଗଠିତ ମାନବ ଜୀବନର ପ୍ରବନ୍ଧ କରି ବେଦଶାସ୍ତ୍ର ମୁଖ୍ୟତଃ ବିଶ୍ୱ ସଂସ୍କୃତିକୁ ଦୁଇଟି ବାର୍ତ୍ତା ଦିଅନ୍ତି, ଯଥା - 'ଆତ୍ମବତ୍ ସର୍ବଭୂତେଷୁ' ଓ 'ବସୁଧୈବ କୁଟୁମ୍ବକମ୍' । ପ୍ରଥମଟିର ସତ୍ୟତା ହେଲା ନିଜର ଜୀବନ ପରିଧିରେ ଅନ୍ୟର ଦୁଃଖସୁଖକୁ ଭାବିବା ଅଥବା ସମସ୍ତଙ୍କ ଭିତରେ ନିଜକୁ ଅନୁଭବ କରିବା । ଦ୍ୱିତୀୟଟିର ସତ୍ୟତା ହେଲା ସାରା ପୃଥିବୀକୁ ଏକ ପରିବାରର କଳ୍ପନା କରିବା ।

ବିଶ୍ୱମାନବର ଚରିତ୍ରକୁ ଏକ ଉଜ୍ୱଳ ପଟ୍ଟଭୂମି ଦେଇ ବେଦ ଏହି ଆଦର୍ଶର ଉପସ୍ଥାପନା କରନ୍ତି ଯେ, ମନୁଷ୍ୟ ଈଶ୍ୱରଙ୍କ ସୃଷ୍ଟିରେ ସର୍ବୋତ୍ତମ କୃତି ତଥା ଚିତ୍ ଶକ୍ତିର ଅଧିକାରୀ ହେତୁ ସ୍ୱାର୍ଥ ସର୍ବସ୍ୱ ହୋଇ ବଞ୍ଚିବା ହୀନମନ୍ୟତା ବା ପଶୁତ୍ୱ ଅଟେ । ମନୁଷ୍ୟ ରୂପେ ଜନ୍ମ ହୋଇ ଉଚ୍ଚତର ତଥା ଆଦର୍ଶ ଜୀବନ ପଦ୍ଧତି ଯାହା ବେଦ ପ୍ରଣୋଦିତ ପାଳନ କରି ସେ ଏଇ ଜୀବନ ପରିଧି ଭିତରେ ଦେବତ୍ୱର ଆସ୍ୱାଦନ କରିବା କଥା । ଖାଲି ନିଜ ପାଇଁ ନ ବଞ୍ଚି ସେ ସମସ୍ତଙ୍କର କଲ୍ୟାଣ କାମନା କରି ଜୀଇଁବା କଥା, ତଥା ତଦ୍‌ଜନିତ କଲ୍ୟାଣକାରୀ ଓ କର୍ମାଭିମୁଖୀ ହୋଇ ସାରା ବିଶ୍ୱକୁ ନିଜର ପରିବାର ଭାବିବା ହିଁ 'ବସୁଧୈବ କୁଟୁମ୍ବକମ୍ ସତ୍ୟତାର ଉପଲବ୍ଧି ଅଟେ ।

ଏହି ଆଦର୍ଶ ନେଇ ଦାମ୍ପତ୍ୟ ଜୀବନର ଆରମ୍ଭରୁ ହିଁ ତଥା ଶିଶୁର ଜନ୍ମ ପୂର୍ବରୁ ସଂସ୍କାରୋଚିତ ଜୀବନ ପର୍ଯ୍ୟାୟର ଆରମ୍ଭ ହୋଇଥାଏ । ଯଥା - ଗର୍ଭାଧାନ, ପୁଂସବନ, ସୀମନ୍ତୋନୟନ, ଜାତକର୍ମ ଆଦି ସଂସ୍କାର ପାଳନ କରାଯାଇ ଗର୍ଭସ୍ଥ ଶିଶୁ ମଧ୍ୟରେ ସଂସ୍କାରର ପରିବେଶ ଜନ୍ମାଇ ଦିଆଯାଇଥାଏ । ଏହି କ୍ରମରେ ବିଦ୍ୟାରମ୍ଭ ଏକାଦଶ ସଂସ୍କାର ଅଟେ ।

ଆଜିର ଶିକ୍ଷା ପଦ୍ଧତିକୁ ଅନୁଶୀଳନ କଲେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଯେ ବିଦ୍ୟା ଆଉ ଶିକ୍ଷାର ପ୍ରଭେଦ କ'ଣ ? ବେଦଶାସ୍ତ୍ର କହନ୍ତି, 'ସା ବିଦ୍ୟା ଯା ବିମୁକ୍ତୟେ' ଅର୍ଥାତ୍ ବିଦ୍ୟା ଯାହା ମୁକ୍ତି ଦିଏ । ପୁଣି ଅନୁସୃତ ହୁଏ 'ବିଦ୍ୟୟା ଅମୃତ ମସ୍ନୁତେ' ଅର୍ଥାତ୍ ବିଦ୍ୟା ସେହି ଜ୍ଞାନ ସ୍ରୋତର ଆଧାର ଯାହା ଅମୃତତ୍ତ୍ୱର ଆସ୍ୱାଦନ କରାଇଥାଏ । ପୁଣି କୁହାଯାଏ 'ଅବିଦ୍ୟା ନାମତେ ଲୋକା ଅନ୍ଧେନ ତମସାବୃତ୍ତା' ଅର୍ଥାତ୍ ଅବିଦ୍ୟା ଦ୍ୱାରା ମନୁଷ୍ୟ ଅନ୍ଧକାର ବା ତମସାରେ ଆବୃତ୍ତ ହୋଇ ରହିଥାଏ ।

ପୁଣି ଦେଖାଯାଏ ବିଦ୍ୟାର ପ୍ରକାର ଭେଦ ଯଥା ପରାବିଦ୍ୟା ଓ ଅପରାବିଦ୍ୟା । ପରାବିଦ୍ୟାର ଆସ୍ୱାଦନରେ ମନୁଷ୍ୟ ବ୍ରହ୍ମରସର ଆହରଣ କରି ଆତ୍ମା ପରମାତ୍ମାଙ୍କର ସମ୍ପର୍କର ଗୁହ୍ୟସୂତ୍ରକୁ ଉନ୍ମୋଚନ କରେ ଯାହାଦ୍ୱାରା ତା'ର ଆତ୍ମୋତ୍କର୍ଷର ପଥ ଉନ୍ମୋଚିତ କରି ତାଙ୍କୁ ଉତ୍ତରମାର୍ଗର ଦ୍ରଷ୍ଟା କରାଇବାରେ ସହାୟକ ହୁଏ ଓ ଅବକ୍ଷୟମାନ ଆଦିର ସମାଜରୁ ଅନ୍ତର୍ହିତ ନୈତିକ ମୂଲ୍ୟବୋଧର ବୀଜାରୋପଣ କରି ପୁନଃ ସଂସ୍କାର ଯୁକ୍ତ ବାତାବରଣର ବୀଜବପନ କରାଏ । ଏହି ସଂସ୍କାରର ଚରମ ଉଦ୍ଦେଶ୍ୟ ଏହା ଯେ ଏହା ଦାୟିତ୍ୱବାନ ବିବେକଶୀଳ କର୍ତ୍ତବ୍ୟନିଷ୍ଠ ସଦାଚାରୀ ବ୍ୟକ୍ତି ସମାଜ ପାଇଁ ସୃଷ୍ଟି କରିବାରେ ସହାୟକ ସିଦ୍ଧ ହୁଏ ।

ଅପରପକ୍ଷରେ 'ଅପରାବିଦ୍ୟା' ଯାହା ପରିବର୍ତ୍ତିତ

ପରିସ୍ଥିତିରେ ଆଜିର ଶିକ୍ଷା କୁହାଯାଏ ତାହା ମାତ୍ର ବୈଷୟିକ ତଥା ଭୌତିକ ସୁଖ ସାଧନ ଆୟୋଜନ ନିମନ୍ତେ ଅର୍ଥ ପ୍ରସ୍ତୁତକାରୀ ଯନ୍ତ୍ର ରୂପେ ମାନବକୁ ଗଢ଼ି ତୋଳେ । ଯେଉଁଥିରେ ହିଁ ସେ ତା'ର ଜୀବନର ଅନେକାଂଶ ଭାଗ ନିୟୋଜିତ କରିଦିଏ । ଫଳରେ ସେ ହୁଏ ବୈମନସ୍ୱୀ, ବିବେକଶୂନ୍ୟ ଓ ସୁବିଚାରହୀନ ।

'ବିଦ୍ୟାରମ୍ଭ' ସଂସ୍କାରରେ ବିଦ୍ୟାର ଅଧିଷ୍ଠାତା ଗଣେଶ ତଥା ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀଙ୍କର ଆବାହନ କରାଯାଇଥାଏ । ଏହି ସମାରୋହରେ କୋମଳମତି ଶିଶୁ ମନରେ ଜ୍ଞାନପ୍ରାପ୍ତି ନିମନ୍ତେ ଉତ୍ସାହ ବଢ଼ିଥାଏ । ଦେବାରାଧନା ତଥା ଯଜ୍ଞର ବ୍ୟବସ୍ଥା ଦ୍ୱାରା ବାଞ୍ଛିତ ଜ୍ଞାନପୂରକ ସଂସ୍କାରର ଭିତି ସ୍ଥାପନା କରାଯାଏ ।

ବିଦ୍ୟାର ଅଧିଷ୍ଠାତା ଗଣେଶଙ୍କର ଆମର ଗତିବିଧି ଅର୍ଥାତ୍ ଧର୍ମ କର୍ତ୍ତବ୍ୟ ଔଚିତ୍ୟରେ ନିୟନ୍ତ୍ରଣ ରହିବା ଉଚିତ । ମସ୍ତିଷ୍କରେ ବିବେକର ନିୟନ୍ତ୍ରଣ କରିବାର ଔଚିତ୍ୟର ସ୍ମରଣ ହିଁ ଗଣେଶ ପୂଜନର ପୃଷ୍ଠଭୂମିର ସତ୍ୟତା ଅଟେ । ଯେଉଁ ମହତ୍ ଉଦ୍ଦେଶ୍ୟରେ ଏ ସଂସ୍କାର ପାଳନ ହୋଇଥାଏ ତାହା ହେଲା ବିଦ୍ୟାର ମହତ୍ତ୍ୱ ଜାଣିବା ପାଇଁ ବିଦ୍ୟାର୍ଥୀର ଧ୍ୟାନ ଆକର୍ଷଣ କରିବା ପାଇଁ ଓ ବିଦ୍ୟାସାଧନର ଉପକରଣର ପବିତ୍ରତା ରକ୍ଷା କରିବା ପାଇଁ । ଏସବୁରେ ଯେଉଁ ତ୍ରୀଦେବୀଙ୍କର ଆରାଧନା କରାଯାଏ, ସେମାନେ ହେଲେ, 'ଧୃତି' ଯେ ଲେଖନୀ ବା କଲମର ଦ୍ୟୋତକ, ଶିଶୁ ମନରେ ଯେ ଆଗ୍ରହ ବା ଅଭିରୁଚିର ଉଦ୍ରେକ କରାଇଥାନ୍ତି । ଦ୍ୱିତୀୟ ଅଧିଷ୍ଠାତ୍ରୀ ଦେବୀ ହେଲେ 'ପୁଷ୍ଟି' ଯେ ସ୍ୟାହି ବା ଖଡ଼ିର ଭୂମିକା ପ୍ରତୀକାତ୍ମକ ଭାବେ ଗ୍ରହଣ କରିଥାନ୍ତି, ଶିଶୁ ମନରେ ଯେ ଏକାଗ୍ରତାର ପରିବର୍ଦ୍ଧନ କରିଥାନ୍ତି, ତୃତୀୟ ଅଧିଷ୍ଠାତ୍ରୀ ଦେବୀ ହେଲେ 'ତୁଷ୍ଟି' ଯେ ସିଲଟ/ଖାତା/କାଗଜର ପ୍ରତୀକ ବହନ କରନ୍ତି ଓ ଶିଶୁ ମନରେ ଶ୍ରମଶୀଳତାର ବୀଜ ବପନ କରନ୍ତି । ସୁତରାଂ ଅଧ୍ୟୟନ ପାଇଁ ଅଭିରୁଚି, ଏକାଗ୍ରତା ତଥା ଶ୍ରମଶୀଳତା ଅନିବାର୍ଯ୍ୟ । ଯାହା ପବିତ୍ର ମନରେ, ପବିତ୍ର ସାଧନରେ, ପବିତ୍ର ଉଦ୍ଦେଶ୍ୟ ସାଧନ ପୂର୍ତ୍ତି ଲକ୍ଷ୍ୟରେ ନିରନ୍ତର ପ୍ରୟାସରତ ହୋଇଥାଆନ୍ତି । ଏହାପରେ ଗୁରୁ ପୂଜାର ବ୍ୟବସ୍ଥା ମଧ୍ୟ ରଖାଯାଇଥାଏ କାରଣ ଗୁରୁ ହିଁ ଏ ସମସ୍ତ ପ୍ରକ୍ରିୟାର ଉଦ୍‌ଯୋଗକାରୀ ହୋଇଥାନ୍ତି ।

ବିଦ୍ୟାରମ୍ଭ ପ୍ରକ୍ରିୟାର ଶେଷ ବିଧି ହେଲା 'ପଞ୍ଚାକ୍ଷରୀ ମନ୍ତ୍ର ଲିଖନ' ଯାହା ମହାବ୍ୟାହୃତି ରୂପେ ଆଦୃତ – 'ଓଁ ଭୂଃ ର୍ଭୁବଃ ସ୍ୱଃ'

ଓଁ – ପରମପିତା ! ପରମେଶ୍ୱରଙ୍କର ସର୍ବଶ୍ରେଷ୍ଠ ନାମ ।

ଭୂଃ – ପୃଥ୍ୱୀମାତା ! ଯେ ଶ୍ରମଶୀଳତାର ପ୍ରତୀକ ।

ର୍ଭୁବଃ – ବାୟୁତତ୍ତ୍ୱ ! ଯେ ସଂଯମର ପ୍ରତୀକ ।

ସ୍ୱଃ – ସ୍ୱର୍ଲୋକତତ୍ତ୍ୱ ! ଯେ ବିବେକଶୀଳତାର ପ୍ରତୀକ ।

ଏହାଦ୍ୱାରା ରୂପକ ପରମାତ୍ମାଙ୍କୁ ଶିଶୁର ମନୋଭୂମିରେ ସ୍ଥାପିତ କରାଯାଏ । ଯଦ୍ୱାରା ସେ ଆସ୍ତିକ ହୋଇ ଈଶ୍ୱରଙ୍କୁ ଭକ୍ତିକରି ହୁଏ ସଦାଚାରୀ, ନିରଳସ, ସଂଯମୀ ତଥା ବ୍ୟବସ୍ଥା ପ୍ରତି ଧ୍ୟାନଶୀଳ । ପଞ୍ଚାକ୍ଷରୀ ମନ୍ତ୍ରର ଲିଖନ ପରେ ଯଜ୍ଞବ୍ୟବସ୍ଥାକୁ ପରିଚାଳନା କରାଯାଇ କିଛି ବିଶେଷ ବେଦମନ୍ତ୍ର ଓ ଗାୟତ୍ରୀ ମନ୍ତ୍ରର ଆହୂତି ଦେଇ ପୂର୍ଣ୍ଣାହୂତି ପୂର୍ବକ ଯଜ୍ଞ ସମାପନ କରାଯାଏ ।

ସଂପୂର୍ଣ୍ଣ ପ୍ରକ୍ରିୟାରେ ଗୁରୁ ହିଁ ମୁଖ୍ୟ ଭୂମିକା ନିର୍ବାହ କରି ଏହି କ୍ରିୟା ସମ୍ପନ୍ନ କରିଥାନ୍ତି । ଗୁରୁକୁଳ ବ୍ୟବସ୍ଥାରୁ ଅଦ୍ୟାବଧି ପିତାମାତାଙ୍କ ଉପରେ ଯଜ୍ଞୋପବୀତ ବା ଉପନୟନ ସଂସ୍କାର କରି ଶିଶୁର ଜ୍ଞାନଦାତା ତଥା ବ୍ୟକ୍ତିତ୍ୱ ଓ ଚରିତ୍ର ନିର୍ମାଣକାରୀ ରୂପେ ଗୁରୁ ସାମଗ୍ରିକ ଭାବେ ଶିଷ୍ୟର ଦାୟିତ୍ୱ ଗ୍ରହଣ କରିଥାନ୍ତି; ଯେ ପର୍ଯ୍ୟନ୍ତ ସେ ସଂପୂର୍ଣ୍ଣ ଶିକ୍ଷିତ ଓ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ ହୋଇ ଗୃହସ୍ଥାଶ୍ରମରେ ପ୍ରବେଶ ନ କରିଛି । ଗୁରୁଙ୍କର ଏହି ତ୍ୟାଗପୂତ ଆଦର୍ଶ ପାଇଁ ସେ ଗରୀୟାନ ହୋଇଥାନ୍ତି । ଏହା ହିଁ ଭାରତୀୟ ସଂସ୍କୃତିର ମହାନତା, ଯାହା ଆବହମାନ କାଳରୁ ଥିଲା, ରହିଛି ଓ ରହିଥିବ ମଧ୍ୟ ଅନନ୍ତକାଳ ପର୍ଯ୍ୟନ୍ତ ସନାତନ ଅକ୍ଷୟ ସଂସ୍କୃତିର ବାର୍ତ୍ତାବହ ହୋଇ ।

## କୁନି ମନର ବଡ଼ କଥା

ଶ୍ରୀମତୀ ସଂଗୀତା ମିଶ୍ର (ଶତପଥୀ)

କିଛି ମାସ ତଳର କଥା । ଦିନ ପ୍ରାୟ ୧ଟା ହେବ । ମୁଁ ବିଦ୍ୟାଳୟରୁ ଫେରୁଥାଏ । ଗେଟ୍ ପାଖରେ ବୃଦ୍ଧା ଜଣେ ଭିକ୍ଷା ମାଗୁଥିଲେ । ତାଙ୍କୁ ଦେବା ପାଇଁ ପୁଅ ହାତରେ ଖୁଚୁରା ପଇସା ଦେଲି । ସେ ବୃଦ୍ଧା ପୁଣି ମା....ଆ....ମା.....ଆ.... ଡାକିଲେ । ମୁଁ ପାଖକୁ ଯାଇ କ'ଣ ଆବଶ୍ୟକ ପଚାରିଲି । ସେ ଲୁଗା ଖଣ୍ଡିଏ ଭିକ୍ଷା ମାଗୁଥିଲେ । ପୁରୁଣା ଲୁଗା ଦେବାକୁ ମନ କହିଲାନି । କିନ୍ତୁ ପୁଅ କହିଲା, ଆଈର ପୁରୁଣା ଲୁଗା ଦେବାକୁ । ତାକୁ ବୁଝାଇଦେଲି, କାହାକୁ ବି ପୁରୁଣା କାଇଁ ଦେବା ! ନୂଆ ତ ନାହିଁ ସେ ବି ଆମପରି ମଣିଷ !

ତା'ପରଦିନ ପୁଅକୁ ବିସ୍କୁଟ ଦେବା ବେଳକୁ ଦେଖିଲି ପ୍ରାୟ ୨/୩ ପ୍ରକାର ବିସ୍କୁଟ ତା'ର ଥାଏ, ସେଥିରୁ ଏକମାତ୍ର ପ୍ୟାକେଟ୍ ଥିଲା । ଲୁଣି ବୁସ୍କୁଟ୍ ପ୍ୟାକେଟଟି ନାହିଁ । ପଚାରିବାରୁ କହିଲା, 'କାଲି ଯେଉଁ ଆଈ ଲୁଗା ମାଗୁଥିଲେ, ମୁଁ ତାଙ୍କୁ ଦେଇଦେଇଛି ।' ଆମର ସିନା ଲୁଗା ନ ଥିଲା ତାଙ୍କୁ ଦେବାକୁ କିନ୍ତୁ ଖରାରେ ତାଙ୍କୁ ଭୋକ ଲାଗୁଥିବ ନା ସେଥିପାଇଁ ବିସ୍କୁଟ୍ ଦେଇଦେଲି । ତା' ଉତ୍ତର ଶୁଣି ମୁଁ ଆବାକ୍ ହୋଇଗଲି । ଆଖିରେ ଲୁହ ଜକେଇ ଆସିଲା, ତା' ଦୟାଳୁ ଭାବନା ଦେଖି । ମୁଁ ଚୁପ୍ ରହିବା ଦେଖି ପଚାରିଲା ରାଗିଲୁ କି? ଭୁଲ୍ କାମ କରିଛି କି ତତେ ନ ପଚାରି ଦେଇକି ? କହିଲି, ନାଁ ରାଗିବି କାହିଁକି ? ତୁ ତ ଭଲ କାମ କରିଛୁ । ମୋ ମନରେ ଖେଳୁଥିଲା ୪ ବର୍ଷର ପୁଅର କୁନି ମନର ବଡ଼ କଥାଟି । ଆମର ଗୋଟିଏ ଜିନିଷ କାହାକୁ ଦେବାର ସାମର୍ଥ୍ୟ ନ ଥିଲେ ମଧ୍ୟ ଇଚ୍ଛା ଥିଲେ ଆମ ସାକ୍ଷାନୁସାରେ ଅନ୍ୟମାନଙ୍କୁ ସାହାଯ୍ୟ ସହଯୋଗ କରିପାରିବା ।

ଆଚାର୍ଯ୍ୟା
ସ.ଶି.ବି.ମ., ଚନ୍ଦନପୁର, ପୁରୀ

## ଆଇନା ଭିତରେ କିଏ

ଶ୍ରୀ ଶୁଭକାନ୍ତ ସାହୁ

ତାନାନା ତାନା କାଚ ଆଇନା
ଆଇନା ଭିତରେ କିଏ
କାହ୍ନା ଦେଖୁଥିଲା ଡଉଲ ଡାଉଲ
ତା'ପରି ପିଲାଟିଏ ।
ତାକ୍ ଥେଇ କିଏ ତୁ ଭାଇ ?
ମନେ ମନେ ପଚାରିଲା
କାହ୍ନା ହସିଦେଲା ଖିଲି ଖିଲି ବୋଲି
ସିଏ ବି ତ ହସିଦେଲା ।
ତା ଥେଇକି ତାକୁ ଚାହିଁକି
କାହ୍ନା ନାଚେ ଥେଇ ଥେଇ
ଆଇନା ଭିତରେ ସିଏ ବି ନାଚିଲା
ତା' ପରି ଖୁସି ହୋଇ ।
ଥେଇକି ଥିନା ଅବୋଧ କାହ୍ନା
ହାତଠାରି ଡାକେ ଆ
ସିଏ ବି ଡାକିଲା ତା' ପାଖେ ଯିବାକୁ
କାହ୍ନା କଲା ନା ନା ।
ତାଧିନ ଧେଇ ଦୁହିଁଙ୍କୁ ଦୁଇ
ଆଖି ଠରାଠରି ହେଲେ
ଆଇନା ଏପାଖେ ସେପାଖରେ ଥାଇ
ଚୁମାଟିଏ ଲେଖେଁ ଦେଲେ ।
ତାତାନ୍ ତାଏ ହେଉ ବି ଯିଏ
କାହ୍ନା ହେଲା ଭାରି ଖୁସି
ଦୂରରେ ଥାଇକି ଦେଖୁଥିଲେ ମାଆ
ଫିସ୍‌କରି ଦେଲେ ହସି ।
ଆଇନାକୁ ଚାହିଁ ଚାହିଁ
ହଇରେ ସାଙ୍ଗ ମୋ ମାଆ ଆସିଲେଣି
ଯାଉଛି ମୁଁ ବାଇ ବାଇ ।

ଦେଉଳପଲ୍ଲୀ, କଳମ୍ବ
ପୋଲସରା, ଗଞ୍ଜାମ



**ଅର୍ଚ୍ଚନା ମେହେର**

ସରସ୍ୱତୀ ଶିଶୁ ମନ୍ଦିର ଡୁଆଝର

ଶ୍ରେଣୀ - ଶିଶୁ ପ୍ରାରମ୍ଭ



**ଆରାଧ୍ୟା ହୋତା**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଲେଜ ଛକ, ବଲାଙ୍ଗିର


ଶ୍ରେଣୀ : ଶିଶୁ ବୋଧ



**ସ୍ୱସ୍ତିକ ସୋହମ୍ ପ୍ରଧାନ**

ଶ୍ରୀ ମଦ୍ ଭଗବତ ଗୀତା ବିଦ୍ୟାଳୟ

ଶ୍ରେଣୀ - ଶିଶୁ ବୋଧ




**ସୁଶ୍ରୀ ଦେବାଂଶୀ ରାୟ**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଚନ୍ଦନପୁର

ଶ୍ରେଣୀ : ଶିଶୁ ବୋଧ

# ରଙ୍ଗ ଦିଅ ମଜା ନିଅ





Vol. 23 No. 3 February - March-2021 R.N.I. Regd. No.ORIORI/2001/5948

# ସମ୍ବାଦ ଚିତ୍ରରେ ଚିତ୍ରରେ ....



ସରସ୍ୱତୀ ଶିଶୁ ମନ୍ଦିର, ଧନୁପାଲୀ, ଘର ହିଁ ବିଦ୍ୟାଳୟ ପ୍ରକଳ୍ପ



ଦିବ୍ୟାଂଶ ସର, ଶିଶୁ ବୋଧ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାସୋଲ




ଶ୍ୱେତାଲିନା ପ୍ରଧାନ, ଶିଶୁ ବୋଧ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାସୋଲ

*Printed and Published by : Secretary on behalf of Shiksha Vikash Samiti, Odisha & printed at Sarswati DTP Centre, E-59, Zone-A, Mancheswar Industrial Estate, BBSR-10 Editor - Pradeep Kumar Mallick*